# NATIONAL NEWS BULLETIN (ODIA)

## 3 October - 2023

## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ବିହାରରେ ଜାତି ଭିତ୍ତିକ ସର୍ଭେ ରିପୋର୍ଟ ପ୍ରକାଶ ପାଇବା ପରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ।
- ଷ୍ଟାଫ ସିଲେକସନ କମିଶନ ଖୁବ୍ ଶୀଘ୍ର ସମସ୍ତ ୨୨ଟି ଭାରତୀୟ ଭାଷାରେ ପ୍ରତିଯୋଗିତାମୂଳକ ପରୀକ୍ଷା କରିବ ।
- ମେଡିସିନ୍ କ୍ଷେତ୍ରରେ ଚଳିତ ବର୍ଷ ପାଇଁ ମିଳିତ ଭାବେ ନୋବେଲ ପୁରସ୍କାର ପାଇବେ ପ୍ରଫେସର କାଟାଲିନ୍ କାରିକୋ ଏବଂ ଡ୍ରୁ ୱିସମାନ ।
- ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ।

ଏବଂ

- ୧୩ଟି ସ୍ୱର୍ଣ୍ଣ ପଦକ ସହ ୬୦ଟି ପଦକ ହାସଲ କରି ଏସୀୟ କ୍ରୀଡ଼ାର ଚତୁର୍ଥ ସ୍ଥାନରେ ଭାରତ ।

# ବିହାର କାଷ୍ଟ

ବିହାରରେ ଜାତି ଭିତ୍ତିକ ସର୍ଭେ ରିପୋର୍ଟ ପ୍ରକାଶ ପାଇବା ପରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି ଯେ ଗାନ୍ଧୀ ଜୟନ୍ତୀ ଦିନ ଜାତିଗଣନା ରିପୋର୍ଟ ପ୍ରକାଶ ପାଇବା ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ଏହା ସେମାନଙ୍କର ଅର୍ଥନୈତିକ ଏବଂ ସାମାଜିକ ସ୍ଥିତି ଅନୁଯାୟୀ ଜାତିଭିତ୍ତିକ କଲ୍ୟାଣ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ଆଜି ଏହି ରିପୋର୍ଟ ରାଜ୍ୟର ୯ଟି ଦଳ ଆଗରେ ଉପସ୍ଥାପନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିରେ ଜାତି ଗଣନାର ସାମାଜିକ-ଅର୍ଥନୈତିକ ପରିଣାମ ଉପରେ ମଧ୍ୟ ଆଲୋଚନା ହେବ।

ଏ ନେଇ ରାଷ୍ଟ୍ରୀୟ ଜନତା ଦଳର ନେତା ତଥା ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ପ୍ରସାଦ ଯାଦବ କହିଛନ୍ତି ଯେ ଜାତିଗଣନାକୁ ବୈଜ୍ଞାନିକ ଉପାୟରେ ମୂଲ୍ୟାଙ୍କନ କରାଯାଇଛି। ଏହା ସେହି ପଛୁଆ ଗୋଷ୍ଠୀ ପାଇଁ ଲାଭଦାୟକ ହେବ ଯେଉଁମାନେ ସରକାରଙ୍କଠାରୁ ଲାଭ ପାଇନାହାଁନ୍ତି।

ରାଜ୍ୟର ସବୁଠୁ ବଡ ବିରୋଧୀ ଦଳ ବିଜେପି ଏହି ରିପୋର୍ଟକୁ ଅସମ୍ପୂର୍ଣ୍ଣ ବୋଲି ବର୍ଣ୍ଣନା କରିଛି। ଦଳର ରାଜ୍ୟ ସଭାପତି ସମ୍ରାଟ ଚୌଧୁରୀ କହିଛନ୍ତି ଯେ ଜାତି ଭିତ୍ତିକ ଗଣନାରେ ସାମାଜିକ-ଅର୍ଥନୈତିକ

ପଛୁଆବର୍ଗର ତଥ୍ୟ ପ୍ରକାଶ କରାଯାଇ ନାହିଁ। ସେ କହିଛନ୍ତି ଯେ ବିଜେପି ଜାତି ଭିତ୍ତିକ ଗଣନାରେ ଗ୍ରହଣ କରାଯାଇଥିବା କୌଶଳ ଏବଂ ପ୍ରକ୍ରିୟା ଅଧ୍ୟୟନ କରିବ ଓ ପରେ ଦଳ ପକ୍ଷରୁ ସମ୍ପୂର୍ଣ୍ଣ ପ୍ରତିକ୍ରିୟା ଦିଆଯିବ।

ବିହାରରେ ଲୋକସଭା ନିର୍ବାଚନ ପୂର୍ବରୁ ଜାତି ଭିତ୍ତିକ ଗଣନା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି। ରାଜ୍ୟର ଅଧିକାରୀମାନେ କହିଛନ୍ତି ଯେ ଜାତିଗଣନା କରିବାରେ ବିହାର ଦେଶର ପ୍ରଥମ ରାଜ୍ୟ ହୋଇଛି।

# ଏସ୍ଏସ୍ସି ଏକଜାମ୍

କର୍ମଚାରୀ ଚୟନ ଆୟୋଗ–ଷ୍ଟାଫ ସିଲେକସନ କମିଶନ ଖୁବ୍ ଶୀଘ୍ର ସମସ୍ତ ୨୨ଟି ଭାରତୀୟ ଭାଷାରେ ପ୍ରତିଯୋଗିତାମୂଳକ ପରୀକ୍ଷା କରିବ ବୋଲି କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି। ସେ କହିଛନ୍ତି ଯେ ଭାଷା ସମ୍ବନ୍ଧୀୟ ପ୍ରତିବନ୍ଧକ ନିର୍ବିଶେଷରେ ସମସ୍ତ ଆଗ୍ରହୀ ପ୍ରାର୍ଥୀଙ୍କୁ ସମାନ ସୁଯୋଗ ଯୋଗାଇବାକୁ ସରକାର ଚାହୁଁଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ଭାରତୀୟ ଭାଷା ସମ୍ମିଳନୀର ଉଦଯାପନୀ ଅଧିବେଶନକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ଚଳିତ ବର୍ଷ ଠାରୁ ହିନ୍ଦୀ ଏବଂ ଇଂରାଜୀ ବ୍ୟତୀତ ୧୧ଟି ଆଞ୍ଚଳିକ ଭାଷା ସମେତ ମୋଟ ୧୩ଟି ଭାଷାରେ ଆୟୋଗର ପରୀକ୍ଷା ଚାଲିଛି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ JEE, NEET ଏବଂ UGC ପରୀକ୍ଷା ମଧ୍ୟ ବାରଟି

ଭାରତୀୟ ଭାଷାରେ କରାଯାଉଛି ଏବଂ ଏହି ଐତିହାସିକ ନିଷ୍ପତ୍ତି ଯୁବକମାନଙ୍କର ଅଂଶଗ୍ରହଣକୁ ଉତ୍ସାହିତ କରିବା ସହ ଆଞ୍ଚଳିକ ଭାଷାକୁ ପ୍ରୋତ୍ସାହିତ କରିବ । କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ନଅ ବର୍ଷ ମଧ୍ୟରେ ଭାରତୀୟ ଆଞ୍ଚଳିକ ଭାଷାର ପ୍ରଚାରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି ।

# ନୋବେଲ୍ ପୁରସ୍କାର

ମେଡିସିନ୍ କ୍ଷେତ୍ରରେ ୨୦୨୩ ବର୍ଷ ପାଇଁ ନୋବେଲ ପୁରସ୍କାର ହଙ୍ଗେରୀ-ଆମେରିକୀୟ ପ୍ରଫେସର କାଟାଲିନ୍ କାରିକୋ ଏବଂ ଆମେରିକୀୟ ପ୍ରଫେସର ଡ୍ରୁ ୱିସମାନଙ୍କୁ ମିଳିତ ଭାବେ ପ୍ରଦାନ କରାଯିବ । ଏହି ଦୁଇ ବୈଜ୍ଞାନିକ ଏଭଳି ଜ୍ଞାନକୌଶଳ ବିକଶିତ କରିଥିଲେ ଯାହା ଫଳରେ M-RNA ଆଧାରିତ କୋଭିଡ ଟିକା ତିଆରି କରିବା ସମ୍ଭବ ହୋଇଥିଲା ।

ଏହି ଜ୍ଞାନ କୌଶଳ ମହାମାରୀ ପୂର୍ବରୁ ପରୀକ୍ଷଣ କରାଯାଉଥିଲା କିନ୍ତୁ ବର୍ତ୍ତମାନ ଏହା ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କୁ ଦିଆଯାଇଛି । କର୍କଟ ସମେତ ଅନ୍ୟାନ୍ୟ ରୋଗ ପାଇଁ ଏହି M-RNAଟେକ୍ନୋଲୋଜି ଉପରେ ଗବେଷଣା ମଧ୍ୟ କରାଯାଉଛି ।

ପ୍ରଫେସର କାରିକୋ ଏବଂ ପ୍ରଫେସର ଓ୍ୱିସମାନ ଦୀର୍ଘ ଦିନ ଧରି ପେନସିଲଭାନିଆ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରିଆସୁଛନ୍ତି। ଉଭୟଙ୍କୁ ୨୦୨୧ ମସିହାରେ ସମ୍ମାନଜନକ ଲସ୍କର ପୁରସ୍କାର ସମେତ ଗବେଷଣା ପାଇଁ ଅନେକ ପୁରସ୍କାରରେ ସମ୍ମାନିତ କରାଯାଇଛି।

ନୋବେଲ ପୁରସ୍କାର କମିଟି କହିଛି ଯେ ଆଧୁନିକ ଯୁଗରେ ମାନବ ସ୍ୱାସ୍ଥ୍ୟ ପାଇଁ ଉଭୟ ବୈଜ୍ଞାନିକଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ଗବେଷଣା ଫଳରେ ମାନବ ସ୍ୱାସ୍ଥ୍ୟ ପାଇଁ ସବୁଠାରୁ ବଡ ବିପଦ ସମୟରେ ବହୁ ପରିମାଣରେ ଟିକା ବିକଶିତ କରିବା ସମ୍ଭବ ହେଲା। ଏହି ଟିକାଗୁଡ଼ିକ ଭାଇରସ ବା ବ୍ୟାକ୍ଟେରିଆ ସହିତ ଲଢ଼ିବା ପାଇଁ ଶରୀରର ପ୍ରତିରକ୍ଷା ପ୍ରଣାଳୀ ପ୍ରସ୍ତୁତ କରିଥାନ୍ତି। ପାରମ୍ପରିକ ଟିକାଠାରୁ M-RNA ପ୍ରଯୁକ୍ତିବିଦ୍ୟା ଭିନ୍ନ। ଯେତେବେଳେ ଏକ ଭାଇରସ ବା ବ୍ୟାକ୍ଟେରିଆ ଆମ ଶରୀର ଉପରେ ଆକ୍ରମଣ କରନ୍ତି, ଏହି ଟେକ୍ନୋଲୋଜି ଆମ କୋଷକୁ ସେହି ଭାଇରସ୍ ସହିତ ଲଢ଼ିବା ପାଇଁ ପ୍ରୋଟିନ୍ ତିଆରି କରିବାକୁ ସୂଚନା ଦେଇଥାଏ। ଏହା ଆମ ପ୍ରତିରକ୍ଷା ପ୍ରଣାଳୀକୁ ଆବଶ୍ୟକ ପ୍ରୋଟିନ୍ ଯୋଗାଇଥାଏ। କୋଭିଡ ମହାମାରୀ ସମୟରେ, ମୋଡର୍ନା, ଫାଇଜର ଏବଂ ବାୟୋଟେକ୍ ଟୀକା MRNA ଟେକ୍ନୋଲୋଜି ଉପରେ ଆଧାରିତ ଥିଲା।

# ଅନୁରାଗ ଠାକୁର

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ଏବଂ କଟକଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଭୁବନେଶ୍ୱରରେ ପହଞ୍ଚିବା ପରେ ମନ୍ତ୍ରୀ ଶ୍ରୀ ଠାକୁର ବି.ଜେ.ପି. ରାଜ୍ୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରିବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟଠାରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆୟୋଜିତ 'ମେରୀ ମାଟି ମେରା ଦେଶ' କାର୍ଯ୍ୟକ୍ରମରେ ଯୋଗଦେବେ । ଅପରାହ୍ଣରେ ମନ୍ତ୍ରୀ ଶ୍ରୀ ଠାକୁର ଭୁବନେଶ୍ୱରରେ ଏକ ଦୈନିକ ସମ୍ବାଦପତ୍ରର ସ୍ୱନକ୍ଷତ୍ର ସମାରୋହ ଏବଂ ସନ୍ଧ୍ୟାରେ କଟକରେ ଅନ୍ୟ ଏକ ସମ୍ବାଦପତ୍ରର ଶତବାର୍ଷିକୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ ।

# ଆବୁଧାବି ଇଣ୍ଟରନେଶନାଲ୍ ପେଟ୍ରୋଲିୟମ୍

ସଂଯୁକ୍ତ ଆରବ ଏମିରେଟ୍ସରେ ଆବୁଧାବିର ଜାତୀୟ ପ୍ରଦର୍ଶନୀ କେନ୍ଦ୍ରରେ ଆନ୍ତର୍ଜାତୀୟ ପେଟ୍ରୋଲିୟମ ପ୍ରଦର୍ଶନୀ ଏବଂ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ପ୍ରଦର୍ଶନୀରେ ଭାରତୀୟ ପାଭିଲିୟନକୁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହାର୍ଦ୍ଦିକ ସିଂ ପୁରୀ ଉଦ୍‌ଘାଟନ କରିଛନ୍ତି।

ଅକ୍ଟୋବର ୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୧୬୪ଟି ଦେଶର ୧ ଲକ୍ଷ ୬୦ ହଜାରରୁ ଅଧିକ ଲୋକ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି।

ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ହେଉଛି ଶୀଘ୍ର ଏବଂ ସାମୂହିକ ଭାବରେ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା। ଏହି ପ୍ରଦର୍ଶନୀରେ ମୁଖ୍ୟତଃ ଶକ୍ତି ଭିତ୍ତିକ ପ୍ରଯୁକ୍ତିବିଦ୍ୟା, ନବସୃଜନ, ସହଯୋଗ ଏବଂ ଡିଜିଟାଲାଇଜେସନ୍ ଉପରେ ଗୁରୁତ୍ୱ ଦିଆଯାଉଛି। ୨୮ତମ ଆନ୍ତର୍ଜାତୀୟ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀର ୭ ସପ୍ତାହ ପୂର୍ବରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସଂଯୁକ୍ତ ଆରବ ଏମିରେଟ୍ସ ଏହି ସମ୍ମିଳନୀ ଆୟୋଜନ କରୁଛି।

## ଦିଲ୍ଲୀ ପୁଲିସ୍ ଟେରୋରିଷ୍ଟ

ଦିଲ୍ଲୀ ପୋଲିସର ସ୍ପେଶାଲ୍ ସେଲ୍ ସନ୍ଦିଗ୍ଧ ଆଇଏସଆଇଏସ ଆତଙ୍କବାଦୀ ଶାହନାୱାଜକୁ ଦକ୍ଷିଣ ଦିଲ୍ଲୀର ଜୈତପୁରରୁ ଗିରଫ କରିଛି। ଜାତୀୟ ଅନୁସନ୍ଧାନ ଏଜେନ୍ସି - ଏନଆଇଏ ସମ୍ପୃକ୍ତ ଆତଙ୍କବାଦୀକୁ ବହୁତ ଦିନରୁ ଖୋଜୁଥିଲା ଏବଂ ତା ଉପରେ ୩ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲା। ଶାହନାୱାଜଙ୍କ ବ୍ୟତୀତ ଅନ୍ୟ ଦୁଇ ଜଣ ଆତଙ୍କବାଦୀଙ୍କୁ ମଧ୍ୟ ଗିରଫ କରାଯାଇଛି।

ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର କମିଶନର ଏଚ୍.ଏସ୍. ଢାଲୀୱାଲ କହିଛନ୍ତି ଯେ ଶାହନାୱାଜ ଲୁଚି ରହିଥିବା ସ୍ଥାନରୁ ପାକିସ୍ତାନ ଭିତ୍ତିକ ଅପରେଟରଙ୍କ ଦ୍ୱାରା ପଠାଯାଇଥିବା ବୋମା ତିଆରି ସାମଗ୍ରୀ ଏବଂ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଉଦ୍ଧାର କରାଯାଇଛି। ସେ କହିଛନ୍ତି ଯେ ପ୍ରାରମ୍ଭିକ ଅନୁସନ୍ଧାନ ସମୟରେ ଏହା ଜଣାପଡିଛି ଯେ ଏହି ଲୋକମାନେ ଲୁଚି ରହିବା ପାଇଁ ଦକ୍ଷିଣ ଭାରତ ସମେତ ଅହମ୍ମଦାବାଦ, ଧାରବାଡ଼ ହୁବଲିରେ ରେକୀ କରିଥିଲେ। ସୂଚନା ଅନୁଯାୟୀ, ଏହି ତିନି ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ କୋର୍ଟରେ ହାଜର କରାଯିବା ପରେ ୭ ଦିନ ପାଇଁ ପୋଲିସ ହେପାଜତକୁ ପଠାଯାଇଛି।

## ଜିତେନ୍ଦ୍ର ସିଂ-ଇସ୍ରୋ

କେନ୍ଦ୍ର ବିଜ୍ଞାନ ଏବଂ ବୈଷୟିକ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି ଯେ ମହାକାଶ ଅନୁସନ୍ଧାନରେ ଭାରତର ସ୍ଥିତି କ୍ରମାଗତ ଭାବେ ବୃଦ୍ଧି ପାଉଛି ଏବଂ ଦେଶ ବର୍ତ୍ତମାନ ମହାକାଶ ଅନୁସନ୍ଧାନରେ ଆଗରେ ଥିବା ଦେଶଗୁଡିକ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛି। ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଇସ୍ରୋ ବୈଜ୍ଞାନିକମାନଙ୍କୁ ସମ୍ମାନିତ କରି ଶ୍ରୀ ସିଂ କହିଛନ୍ତି ଯେ ନାସା ଏବଂ ଅନ୍ୟାନ୍ୟ ମହାକାଶ ଏଜେନ୍ସିର ଅସ୍ତିତ୍ୱ ସତ୍ତ୍ୱେ ଇସ୍ରୋ ବର୍ତ୍ତମାନ ବିଶ୍ୱର ଅଗ୍ରଣୀ ମହାକାଶ ପ୍ରତିଷ୍ଠାନ ଭାବରେ ପରିଗଣିତ

ହୋଇଛି। ସେ କହିଛନ୍ତି ଯେ ଭାରତକୁ ଦୁର୍ବଳ ମନେ କରୁଥିବା ଆମେରିକା ଏବଂ ରୁଷ ଭଳି ଦେଶ ବର୍ତ୍ତମାନ ଭାରତ ସହ ଭାଗିଦାରୀ କରିବାକୁ ଚାହୁଁଛନ୍ତି।

ସେ କହିଛନ୍ତି ଯେ ଦେଶର ସମୃଦ୍ଧ ପାରମ୍ପରିକ ଜ୍ଞାନର ଭାରତ ଅତିରିକ୍ତ ଲାଭ ପାଇଛି। ସେ ଏହା ମଧ୍ୟ କହିଛନ୍ତି ଯେ ମହାକାଶ ଗବେଷଣାକୁ ପ୍ରୋତ୍ସାହିତ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟ ସ୍ୱଚ୍ଛତା ବୃଦ୍ଧି କରିଛି ଏବଂ ନାଗରିକଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ମଧ୍ୟ ବୃଦ୍ଧି ପାଇଛି। ଲୋକସଭା ବାଚସ୍ପତି ଓମ ବିର୍ଲା କହିଛନ୍ତି ଯେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନେତୃତ୍ୱ ନେବାକୁ ଭାରତ ଉତ୍ସର୍ଗୀକୃତ ବ୍ୟକ୍ତି ଏବଂ ସଂଗଠନର ସହଯୋଗ ଆବଶ୍ୟକ କରୁଛି।

## ଅନୁରାଗ ଠାକୁର-ଓ୍ୱେଷ୍ଟବେଙ୍ଗଲ

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ପଶ୍ଚିମବଙ୍ଗର ମମତା ବାନାର୍ଜୀ ନେତୃତ୍ୱାଧୀନ ସରକାରଙ୍କୁ ଅନେକ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ କରିଛନ୍ତି। ଶ୍ରୀ ଠାକୁର ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ତୃଣମୂଳ କଂଗ୍ରେସର ଦୁର୍ନୀତିଗ୍ରସ୍ତ ସରକାର ମନରେଗା ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅଧୀନରେ

ଗରିବ ଲୋକଙ୍କୁ ଠକିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆୱାସ ଯୋଜନା ଅଧୀନରେ ପଶ୍ଚିମବଙ୍ଗ ସରକାର ପୂର୍ବରୁ ଘର ଥିବା ଲୋକଙ୍କ ନାମରେ ଘର ବଣ୍ଟନ କରିଥିଲେ। ଏହାପୂର୍ବରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ଏବଂ ପିଏମ ଆୱାସ ଯୋଜନା ଅନ୍ତର୍ଗତ ପଶ୍ଚିମବଙ୍ଗ ସରକାରଙ୍କୁ ଅର୍ଥ ପ୍ରଦାନରେ ବିଳମ୍ବ ହେତୁ ଦିଲ୍ଲୀରେ ତୃଣମୂଳ କଂଗ୍ରେସ ନେତାମାନେ ବିରୋଧ କରିଥିଲେ।

# ମେକ୍ସିକୋ ମାଇଗ୍ରାଣ୍ଟସ୍

ମେକ୍ସିକୋ ରାଷ୍ଟ୍ରପତି ଆଣ୍ଡ୍ରିଜ ମାନୁଏଲ୍ ଲୋପେଜ୍ ଓବ୍ରାଡୋର କହିଛନ୍ତି ଯେ ଗତ ସପ୍ତାହରେ ପ୍ରାୟ ୧୦ ହଜାର ପ୍ରବାସୀ ଆଶ୍ରୟକାରୀ ଆମେରିକା-ମେକ୍ସିକୋ ସୀମାରେ ପହଞ୍ଚିଥିଲେ। ମୋଣ୍ଟେରୀରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଦୈନିକ ପ୍ରାୟ ୬ ହଜାର ଲୋକ ଦକ୍ଷିଣ ମେକ୍ସିକୋରେ ପ୍ରବେଶ କରୁଛନ୍ତି ଏବଂ ଏହାଠାରୁ ଅଧିକ ସଂଖ୍ୟାରେ ଆମେରିକା-ମେକ୍ସିକୋ ସୀମାରେ ପହଂଚୁଛନ୍ତି। ସେପ୍ଟେମ୍ବରରେ, ଆମେରିକା-ମେକ୍ସିକୋ ସୀମାରେ ପହଂଚି ଥିବା ପ୍ରବାସୀଙ୍କ ସଂଖ୍ୟା ପୂର୍ବ ମାସିକ ସଂଖ୍ୟାକୁ ଅତିକ୍ରମ କରିଛି। ମେକ୍ସିକୋ ରାଷ୍ଟ୍ରପତି ଏହାର ମୂଳ କାରଣ ଖୋଜିବା, ସ୍ଥାନାନ୍ତରଣ ସମସ୍ୟା ସମାଧାନ କରିବା ଏବଂ ସେମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଉପରେ

ଗୁରୁତ୍ୱ ଦେଇଛନ୍ତି। ସେ ବୁଝାମଣା ଏବଂ ସହଯୋଗ ସୃଷ୍ଟି ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ଯାହା ଫଳରେ ଲୋକମାନେ ସ୍ଥାନାନ୍ତର ହେବାକୁ ବାଧ୍ୟ ହେବେ ନାହିଁ।

## ଇ-ଅକ୍ସନ ପିଏମ୍

ସାଧାରଣ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ମେମେଣ୍ଟୋ ଗୁଡିକର ଇ-ନିଲାମ ପ୍ରକ୍ରିୟା ଗତକାଲି ଠାରୁ ଆରମ୍ଭ ହୋଇଛି। ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ। ଏହି ନିଲାମରୁ ସଂଗୃହିତ ଅର୍ଥ ପବିତ୍ର ଗଙ୍ଗା ନଦୀକୁ ପୁନର୍ଜୀବିତ କରିବା ପାଇଁ ନମାମି ଗଙ୍ଗା ପ୍ରକଳ୍ପକୁ ଦାନ କରାଯିବ। ଇ-ନିଲାମର ଏହି ପଞ୍ଚମ ସଂସ୍କରଣରେ ୧୦୦ରୁ ୬୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମେମେଣ୍ଟୋ ଉପଲବ୍ଧ ହେଉଛି। ନୂଆଦିଲ୍ଲୀର ନ୍ୟାସନାଲ ଗ୍ୟାଲେରୀ ଅଫ୍ ମଡର୍ନ ଆର୍ଟରେ ଏହାର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏଥିରେ ୧୫୦ରୁ ଅଧିକ ଉଲ୍ଲେଖନୀୟ ମେମେଣ୍ଟୋ ରହିଛି।

# ବାଙ୍ଗଲାଦେଶ-କଲେଜ୍

ବାଂଲାଦେଶରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ପ୍ରଣୟ ବର୍ମା ବାଂଲାଦେଶର କୋମିଲା ଜିଲ୍ଲାର କାଶିନଗର ଡିଗ୍ରୀ କଲେଜର ଏକ ନୂଆ କୋଠା ଉଦଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଏହା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ପାଇବାରେ ସହାୟକ ହେବ। ଶ୍ରୀ ବର୍ମା କହିଛନ୍ତି ଯେ ଚାରି ମହଲା ବିଶିଷ୍ଟ ଏହି ଶିକ୍ଷାନୁଷ୍ଠାନ ହାଇ ଇମ୍ପାକ୍ଟ କମ୍ୟୁନିଟି ଡେଭଲପମେଣ୍ଟ ପ୍ରୋଜେକ୍ଟ ମେକାନିଜିମ୍ ଅଧୀନରେ ନିର୍ମାଣ କରାଯାଇଛି।

ସେ କହିଛନ୍ତି ଯେ ହାଇ ଇମ୍ପାକ୍ଟ କମ୍ୟୁନିଟି ଡେଭଲପମେଣ୍ଟ ପ୍ରୋଜେକ୍ଟ ମେକାନିଜିମ୍ ଅନୁଯାୟୀ ଭାରତ ସରକାର ସାମାଜିକ-ସାଂସ୍କୃତିକ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଭଳି କ୍ଷେତ୍ରରେ ବିକାଶମୂଳକ ପ୍ରକଳ୍ପ ପାଇଁ ଅନୁଦାନ ପ୍ରଦାନ କରୁଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ପର୍ଯ୍ୟନ୍ତ ଭାରତ ସରକାର ବାଂଲାଦେଶର ସମସ୍ତ ଜିଲ୍ଲାରେ ୯୩ଟି ପ୍ରକଳ୍ପ ଆରମ୍ଭ କରିଛନ୍ତି। ସେଥିମଧ୍ୟରୁ ୭୬ଟି ପ୍ରକଳ୍ପ ଏପର୍ଯ୍ୟନ୍ତ ଶେଷ ହୋଇଛି। ସମ୍ପ୍ରତି ୧୭ଟି ପ୍ରକଳ୍ପ ବିଭିନ୍ନ ପର୍ଯ୍ୟାୟରେ ଅଛି। ଉଦଘାଟନୀ ଉତ୍ସବରେ ବାଂଲାଦେଶର ପୂର୍ବତନ ରେଳମନ୍ତ୍ରୀ ତଥା ସାଂସଦ ମହମ୍ମଦ ମୁଜିବୁଲ ହକ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତି ବିଶେଷ ଅତିଥି ଭାବରେ ଉପସ୍ଥିତ ଥିଲେ।

# ଏସିଆନ୍ ଗେମ୍ସ

ଭାରତ ହାଙ୍ଗଜୋ ଏସିଆନ୍ ଗେମ୍ସର ନବମ ଦିନରେ ୩ଟି ରୌପ୍ୟ ଏବଂ ୪ଟି ବ୍ରୋଞ୍ଜ ପଦକ ଜିତିଛି। ଏହା ସହ ଭାରତର ମୋଟ ପଦକ ସଂଖ୍ୟା ୬୦କୁ ବୃଦ୍ଧି ପାଇଛି। ଆଥଲେଟିକ୍ସରେ ଭାରତର ଏଡାପଲ୍ଲି ଏନସି ସୋଜନ୍ ମହିଳା ଲମ୍ଵ ଡିଆଁ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଛନ୍ତି। ମହିଳା ଷ୍ଟିପଲ୍ ଚେଜ ପ୍ରତିଯୋଗିତାରେ ପାରୁଲ ପାରିଲା ଚୌଧୁରୀ ରୌପ୍ୟ ପଦକ ଏବଂ ପ୍ରୀତି ବ୍ରୋଞ୍ଜ ପଦକ ପାଇଛନ୍ତି। ୪ ଗୁଣନ ୪୦୦ ମିଟର ରିଲେ ମିକସଡ଼ ଗ୍ରୁପ ଇଭେଣ୍ଟରେ ମଧ୍ୟ ଭାରତ ରୌପ୍ୟ ପଦକ ହାସଲ କରିଛି। ସ୍ପିଡ ସ୍କେଟିଂରେ ଭାରତୀୟ ମହିଳା ଏବଂ ପୁରୁଷ ଦଳ ବ୍ରୋଞ୍ଜ ପଦକ ଜିତିଛନ୍ତି। ଟେବୁଲ୍ ଟେନିସରେ ଭାରତର ସୁତୀର୍ଥା ମୁଖାର୍ଜୀ ଏବଂ ଅହିକା ମୁଖାର୍ଜୀ ମହିଳା ଡବଲ୍ସ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏସୀୟ ଅଲିମ୍ପିକ୍ କମିଟିର ସଭାପତି ରାଜା ରଣଧୀର ସିଂ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି।

ପୁରୁଷ ହକିରେ ଭାରତ ବାଂଲାଦେଶକୁ ୧୨-୦ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ମହିଳା କବାଡିରେ ଭାରତ ଏବଂ ଚୀନ୍ ତାଇପେଇ ମଧ୍ୟରେ ମ୍ୟାଚ୍ ୩୪-୩୪ ପଏଣ୍ଟରେ ଶେଷ ହୋଇଛି। ବ୍ୟାଡମିଣ୍ଟନରେ କିଦାମ୍ବୀ ଶ୍ରୀକାନ୍ତଙ୍କ ଯୋଡି ସିଙ୍ଗଲ୍ସ ଏବଂ ସାତ୍ୱିକ

ସାଇରାଜ ରାଙ୍କି ରେଡ୍ଡୀ ଏବଂ ଡବଲ୍ସରେ ଚିରାଗ ଶେଟ୍ଟୀ ଯୋଡି ପରବର୍ତ୍ତୀ ରାଉଣ୍ଡରେ ପହଞ୍ଚିଛନ୍ତି। ମିକସଡ଼ ଡବଲ୍ସରେ କୃଷ୍ଣ ପ୍ରସାଦ ଏବଂ ତନିଶା କ୍ରାଷ୍ଟୋଙ୍କ ଯୋଡି ମହିଳା ଡବଲ୍ସର ପ୍ରି-କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି।

ଆଥଲେଟିକ୍ସରେ ବିଥ୍ୟା ରାମରାଜ ମହିଳା ୪୦୦ ମିଟର ଦୌଡ଼ରେ ୫୫ ଦଶମିକ ୪/୨ ସେକେଣ୍ଡ ସହ ଫାଇନାଲ ଯୋଗ୍ୟତା ଅର୍ଜନ କରିଛନ୍ତି। ତୀରନ୍ଦାଜରେ ମଧ ଭାରତୀୟ ଧନୁର୍ଦ୍ଧାରୀମାନେ ସମସ୍ତ ଇଭେଣ୍ଟରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ପଦକ ଟେବୁଲରେ ୧୩ଟି ସ୍ୱର୍ଣ୍ଣ, ୨୪ଟି ରୌପ୍ୟ ଏବଂ ୨୩ଟି ବ୍ରୋଞ୍ଜ ପଦକ ସହ ମୋଟ ୬୦ଟି ହାସଲ କରି ଭାରତ ଚତୁର୍ଥ ସ୍ଥାନରେ ରହିଛି। ଏହି ତାଲିକାରେ ପ୍ରଥମରେ ଚୀନ୍, ଦ୍ୱିତୀୟରେ ଜାପାନ ଏବଂ କୋରିଆ ତୃତୀୟ ସ୍ଥାନରେ ରହିଛି।

ଆଜି ଏସିଆନ୍ ଗେମ୍ସରେ ଭାରତୀୟ ପ୍ରତିଯୋଗୀମାନେ କୁସ୍ତି, କ୍ରିକେଟ୍, ମହିଳା ହକି, ବକ୍ସିଂ, ମହିଳା ଓ ପୁରୁଷ କବାଡି ଓ ବ୍ୟାଡମିଣ୍ଟନରେ ଖେଳ ପ୍ରଦର୍ଶନ କରିବେ।